# ପିଲାଙ୍କ କଥା
# (ଜୁଆଙ୍ଗ)
## ପ୍ରଥମ ଭାଗ



# ପିଲାଙ୍କ କଥା (ଜୁଆଙ୍ଗ)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଜୁଆଙ୍ଗ ସଂସାଧକ ମଣ୍ଡଳୀ
ଶ୍ରୀ ସୁଦର୍ଶନ ଜୁଆଙ୍ଗ
ଶ୍ରୀ କ୍ଷେତ୍ରବାସୀ ଜୁଆଙ୍ଗ
ଶ୍ରୀ ସୁଧାକର କୁଅଁର

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ

ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Juanga Resource Group**
**Sri Sudarsan Juang**
**Sri Khetrabasi Juang**
**Sri Sudhakar Kuanr**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଜୁଆଙ୍ଗ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଅନଗା ବୁଢ଼ା ବୁଢ଼ିକିଆରା ଗାତା
# (ବୁଢ଼ାବୁଢ଼ୀର କାହାଣୀ)

ବୁଢ଼ା ଆଉ ବୁଢ଼ି ସୁବୁଦିନ ଅଲାଗ୍ ସେଡନ୍ ଆପ୍‌ସଙ୍ଗ୍‌ଡେକିଆ । ଆରାକିଆ କଞ୍ଜେଲାଣ୍ଡକିଆ ଅବାଟ । ଜିଙ୍ଗ୍‌ଲାଏ ମୁଇଣ୍ଟ ଏକାନ୍ କିବ୍‌ସେରେ । ଏରା ଆର, ଶିମ, ସେଣାଏ, କୁସାଏ ଅରାଚ୍ ଚେରେ । ଏରେ ବୁଢ଼ାରା କଞ୍ଜେଲାଣ୍ଡକିଆ ଆରା ଶିମର ଦିନି ରୁରୁବାନ୍‌କିଆଜ ଅରେନ୍ ଡେକିୟା । ଦିନମିଂଜ୍ ଜିଙ୍ଗିଲାଏ ଜୟଜ ଡ଼ମ୍‌ସେରାନା । ଇନିକିଆ ଅନକିଆଜ ଶିମରେ ରୁରୁମମାନ୍‌କିଆ । ଜିଙ୍ଗ୍‌ଲାଏ ଗାମ, "ବିତେ ଆଗଗ୍‌ଡେ ଇଞ୍ଜାବ ଅନପାକୁ କିତିକ ଆଗଗ୍‌ଡେଜୁ ।" ତିଣିକି ଆରକିଆ ଜିଙ୍ଗ୍‌ଲାୟା ସାଙ୍ଗେର ଅନକିଆ । ଲାତା ଡୁଇରାନ୍‌କିଆ, ଜିଙ୍ଗ୍‌ଲାଏ ସେଡ଼ାଗ୍ କର ।



ବୁଢାବୁଢୀ ପ୍ରତ୍ୟେକ ଦିନ ପତ୍ର କାଠ ଇତ୍ୟାଦି ବିକ୍ରୟ କରୁଥିଲେ । ତାଙ୍କର ଝିଅ ଦୁଇଟି । ସେଠାରେ ଗୋଟିଏ ଝିଙ୍କ କମାଣ କରିଥିଲା । ସେ ଶିମ୍ବ, ହରଡ଼ ଇତ୍ୟାଦି ବୁଣିଥିଲା । ସେହି ବୁଢ଼ାର ଝିଅ ଦୁଇଟି ପ୍ରତ୍ୟେକ ଦିନ ତା'ର (ଝିଙ୍କର) ଶିମ୍ବ ତୋଳି ଆଣୁଥିଲେ । ଏକଦା ଝିଙ୍କ ଦେଖିକରି ଜଗିଥିଲା । ଏମାନେ ଯାଇକରି ଶିମ୍ବ ତୋଳୁଥିଲେ । ଝିଙ୍କ କହିଲା ଯେ, କ'ଣ ପାଇଁ ନେଉଛ । ଘରକୁ ଚାଲ କେତେ ନବ । ତା ପରେ ସେମାନେ ଝିଙ୍କ ସାଙ୍ଗରେ ଗଲେ । ଗୁମ୍ଫାରେ ପଶିଲେ, ସେତେବେଳେ ଝିଙ୍କ କବାଟ ବନ୍ଦ କରିଦେଲା ।

**ଆରିତେ ଗଟାଙ୍ଗ୍ ଜତେ । ତିଣିକି ଆଲୁଂଆ ଆରକିଆ ରଏଆନ୍‌କିଆ । ବୁଡା ଆଉ କାଣ୍ଡାଏକିଆ କଞ୍ଚେଲାନ୍ଣ୍ଡକିଆତେ ଡ଼ଗରାଏକିକିଆ । ମୁଣ୍ଣୁଷରେକିଆ ଗାମକିଆ ଜିଙ୍ଗ୍‌ଲାଏତେ ଆମ୍ ଆଟବଅନା । ଆଟତା ଆଟିକା, ଡ଼ିଗିଚି, କାରାଇ ମେସଡେଁବିରି ମରେନେ ଆଉ ମୁଳିକା ଦିଟାଙ୍କା ମରେନେ । ଜିଙ୍ଗ୍‌ଲାଏ ଅନ ଆଟବ । ଆର ଅନଜ, ଅଦାଗଟାଂଆ ଆସିକେ । ଏରେ ଗଟାଙ୍ଗ୍‌ଡ଼ା କୁଡୁରାକି, ଆଟବ ଡିଗିଚି, କାରାଇ ଆଟିକା ସବାନ୍‌କିଜ ଡେଣ୍ଡେକି । ଆରକିତେ ଜୟଜ ଜିଙ୍ଗ୍‌ଲାଏ ଆରିଆନା । ଜିଙ୍ଗ୍‌ଲାଏ ଆରକିତେ ଜିଂଅଁ ମାନ୍ଧ ଏଅଣ୍ଡେ ?**



ବାହାରକୁ ବାହାରିବା ପାଇଁ ଆଉ ଅଲଗା କବାଟ ନ ଥାଏ । ତେଣିକି ସେମାନେ ଭିତରେ ରହିଲେ । ବୁଢ଼ା ଓ ବୁଢ଼ୀ ତାଙ୍କର ଦୁଇ ଝିଅଙ୍କୁ ଖୋଜିବାରେ ଲାଗିଛନ୍ତି । ଝିଅ ଦୁଇଟି ଝିଙ୍କକୁ କହିଲେ, ତୁମେ ହାଟକୁ ଯାଅ । ହାଟରୁ ହାଣ୍ଡି, ଡେକ୍‌ଚି, କଢେଇ ଇତ୍ୟାଦି କିଣିକରି ଆଣିବ ଆଉ ମଳିକା ଦୁଇଟଙ୍କାର ଆଣିବ । ଝିଙ୍କ ଗଲା ହାଟକୁ । ସେ ଯାଇକରି ଅଧ ରାସ୍ତାରେ ଅଛି । ସେହି ରାସ୍ତାରେ ଡେକ୍‌ଚି ବାଲା, ହାଟକୁ ଡେକ୍‌ଚି, କଢେଇ, ହାଣ୍ଡି ଇତ୍ୟାଦି ଧରିକରି ଆସୁଛନ୍ତି । ତାଙ୍କୁ ଦେଖିକରି ଝିଙ୍କ ବାହାରିଲା । ଝିଙ୍କ ପଚାରିଲା ତାଙ୍କୁ କୁଆଡେ ଯାଉଛ ?

ଆରକି ଗାମକି, "ଆଟବ ନେଗଗ୍‌ଡେ ଆପ୍‌ସଙ୍ଗ୍‌ତେ ।" ଜିଙ୍ଗ୍‌ଲାଏ ଗାମ୍, "କୁ ନନା ଇକୁଡ଼ିଆ ।" କୁଡ୍ଡୁରା ଗାମ୍, "ଜିଙ୍ଗ୍‌ଲାଏତେ ବାରଞ୍ଜ୍‌ଡେ କୁଟୀଚ୍ ସମିଞ୍ଜ୍ । ଆଞ୍ଜ୍ ଆଦାବ ଅଣ୍ଡେ ନଦୀବ କୁଟିଚ୍ ।" ଏରେବେଳା ଜିଙ୍ଗ୍‌ଲାଏ ବାରର ଇଞ୍ଜାଁବ କଗଗାନ୍ କୁଡ୍ଡୁରା ଜିଙ୍ଗ୍‌ଲାଏତେ ଡ଼ଗରାଏକେ । ଜିଙ୍ଗ୍‌ଲାଏ ଗଲା ଇଞ୍ଜାଁବ ଡୁଙ୍ଗ୍‌ସେକେତେ । କୁଡ୍ଡୁରା ଆଟବ ଅନ । ସାବରେଞ୍ଜ୍‌ତେ ଜିଂଙଁ । ଆରକି ଗାମକି, "ଆର (ଜିଙ୍ଗ୍‌ଲାଏ) ଆଟନ ଡେଙ୍ଗର୍‌ଜେନା ।" ଲୁକକି ଗାମକି, "ଜିଙ୍ଗ୍‌ଲାଏତେ ଜଏଜନା ।" ତେଣିକି କୁଡ୍ଡୁରା ଜେକ୍‌ସୁନ୍ ଇଞ୍ଜାଁବ ଡୁଂଙଁ । ଜିଙ୍ଗ୍‌ଲାଏ ଡ଼ିଗିଚି ଆଉଚିୟାନ୍‌ଜ ଆଉତରମିଞ୍ଜ୍‌ତା ଗଟାଂଆ ଜଗେସେରେ । ଏରେ ଗଟାଙ୍ଗ୍‌ଡ଼ା ମୁଇଟ୍ ବୁଡ଼ା ମୁଳିକା ସବାନ୍‌ଜ ଆଟବ ଅଣ୍ଡେ । ଆରତେ ଜିଙ୍ଗ୍‌ଲାଏ ଜିଙ୍ଗ୍‌ଅଁ, ମାମ୍ୱ ମଣ୍ଡେ । ଆର ଗାମ୍, "ଆଟବ ଅଣ୍ଡେ ।"



ସେମାନେ କହିଲେ ଯେ, ହାଟକୁ ନେଉଛନ୍ତି ବିକ୍ରୟ ପାଇଁ । ଝିଙ୍କ କହିଲା ଚାଲ, ଏକାସାଙ୍ଗରେ ଯିବା । ଡେକ୍‌ଚି ବାଲା ଝିଙ୍କକୁ କହିଲା ଯେ, ମୋ ଜିନିଷଟା ଟିକେ ଧର, ମୁଁ ଯାଉଛି ବାହାରକୁ (ଝାଡ଼ା) ନଦୀକୁ ଟିକେ । ସେତେବେଳେ ଝିଙ୍କ ତା ଜିନିଷ ଧରି ଘରକୁ ଛୁ । ଡେକ୍‌ଚିବାଲା ଝିଙ୍କକୁ ଖୋଜିବାରେ ବ୍ୟସ୍ତ । ସେତେବେଳକୁ ଝିଙ୍କ ଘରେ । ଡେକ୍‌ଚିବାଲା ହାଟକୁ ଗଲା । ସମସ୍ତଙ୍କୁ ପଚାରିଲା । ସେମାନେ ସମସ୍ତେ କହିଲେ ଯେ, ଝିଙ୍କ ହାଟକୁ ଆସିନାହିଁ । ଲୋକମାନେ ମଧ୍ୟ କହିଲେ ଝିଙ୍କକୁ ଆମେ ଦେଖିନାହୁଁ । ସେଇଠୁ ଡେକ୍‌ଚି ବାଲା କାନ୍ଦି କାନ୍ଦି ଘରକୁ ଫେରିଲା । ଝିଙ୍କ ଡେକ୍‌ଚି ସବୁ ଘରେ ପହଞ୍ଚାଇ ଆଉଥରେ ସେହିବାଟରେ ଜଗିବସିଛି । ସେହି ରାସ୍ତାରେ ଗୋଟିଏ ବୃଦ୍ଧ ବ୍ୟାଗ୍‌ଟିଏ ଧରିକରି ହାଟକୁ ଯାଉଥିଲା । ତାକୁ ଝିଙ୍କ ପଚାରିଲା କୁଆଡେ ଯାଉଛୁ ? ସେ କହିଲା ଯେ, ହାଟକୁ ଯାଉଛି ।

ଜିଙ୍ଗ୍ଲାଏ ଗାମ୍, "କୁ ବାନା ଆଞ୍ଜ୍ଜତ ଆଟବ ଅଣ୍ଡେ ।" ଏରେବେଲା ବୁଡ଼ା ଗାମ୍, "ଡ କୁଟିଚ୍ ବେକେରେ ସବେ, ଆଞ୍ଜାଁ ଇତିମିଞ୍ଜ୍ଣ୍ଡେ କାସୁକେ, ବାକାଲିବ କୁଟିଚ୍ ଅଣ୍ଡେ ।" ଏରେବେଲା ବେକେରେ ଜିଙ୍ଗ୍ଲାଏ ସବଜ ସିଦା ଆରା ଇଞ୍ଜାଁରବ ଡୁଙ୍ଗ୍ଡଁ । ବୁଡ଼ାରେ ଅଚତା ଡାକେସୁନ୍ଅଣ୍ଡେ । ଆରତେ ଜମା ମାକୁୟ । ବୁଡ଼ା ଲୁକକିତେ ଜିଂଙ୍ଗ୍ଅଂ, ଆରକି ଗାମ୍, "ନିଞ୍ଜ୍ ଜଏଜେନା ।" ଜିଙ୍ଗ୍ଲାଏ ଏରେପୁଲିଞ୍ଜ୍ଣ୍ଡ, କିବାନ୍ବିରି ସମଗରେଞ୍ଜ୍ ଗିନିଷ କୁୟାନା । ତା କୁରି ଆରକି ଆଣ୍ଡିଆ ମୁଇଣ୍ଟ ବନାୟାନ୍କି । ଆଣ୍ଡିଆ ବିଲିମ, ଅଳାଗ୍ ବନାଅକି, ନୂଆ ନୂଆ କତେ ଆଣ୍ଡିଜାନ୍କି, ଆଉ ଆଣ୍ଡିଆ ମିନଗ୍ ତିଜ । ବକରାଏର ମୁଇଣ୍ଟ ତିଜ, ଜିଙ୍ଗ୍ଲାଏ ମୁଜିଆ ଇଆନ୍ । ତା ପରେ ଆରକି ବୁଡ଼ା ବୁଢ଼ିଆବ ଅନକି । ଆରକି ଏରା ଆଉଚିଆନ୍କି ବିରି ଆଣ୍ଡିଆ ଚଲାଅକି ।



ସେଇଠୁ ଝିଙ୍କ କହିଲା, ଚାଲଯିବା ମୁଁ ବି ହାଟକୁ ଯାଉଛି । ସେତେବେଳେ ବୁଢା କହିଲା, ନେ ଟିକେ ବ୍ୟାଗ୍ଟା ଧର, ମୋ ପେଟ କେଞ୍ଚୁଛି, ମୁଁ ଟିକେ ହଗି ଆସେ । ସେତେବେଳେ ବ୍ୟାଗ୍ଟି ଝିଙ୍କ ଧରି ସିଧା ତାର ଘରକୁ ଏକମୁହାଁ ହୋଇକରି ପଳେଇଲା । ବୁଢା ପରେ ଡାକି ଡାକି ଗଲା, ଅଥଚ କୌଣସି ଜାଗାରେ ତାକୁ ପାଇଲା ନାହିଁ । ସେଇଠୁ ବୁଢା ହାଟକୁ ଗଲା, ସେଠାରେ ଲୋକମାନଙ୍କୁ ପଚାରିଲା, ସେମାନେ ସମସ୍ତେ କହିଲେ ତାକୁ କେହି ଦେଖିନାହାଁନ୍ତି । ଝିଙ୍କ ଏପରି ଚାଲ୍କରି ସମସ୍ତ ପ୍ରକାର ଜିନିଷ ପାଇବାରେ ସକ୍ଷମ ହୋଇପାରିଲା । ତା ପରେ ସେମାନେ ହାଣ୍ଡିଆ (ମଦ) ବନେଇଲେ । ହାଣ୍ଡିଆ ହୋଇଗଲା, ପିଠା ବନେଇଲେ, ନୂଆ ନୂଆ ବସ୍ତ୍ର ପରିଧାନ କଲେ, ବଡ଼ ଭଉଣୀ ଗୋଟିଏ ଓ ସାନ ଭଉଣୀ ଗୋଟିଏ ଲେଖାଏଁ ହାଣ୍ଡିଆ ଡେକ୍ଚି ବୋହିଲେ ମଝିରେ ଝିଙ୍କ ଚାଲୁଥାଏ, ତେଣିକି ସେମାନେ ପହଞ୍ଚିଲେ ବୁଢାବୁଢୀ ପାଖରେ ।

**ତଣ ଗଲାୟାନ୍‌କିଜ ତେଣିକି ତଣ ଉରକି, ଅଚତା ଜିଙ୍ଗ୍‌ଲାଏତେ କତେ ବେନକି, ଆର କଲେବେର । ଜିଙ୍ଗ୍‌ଲାଏତେ ଗାମକିଆ, "ବାଏବମନଜ ନିଞ୍ଜ୍‌ବାତେ ମେଡ଼ାକେ ।" ଗାମକିୟା ବିରି ଲେବେରକିଆ । ଜିଙ୍ଗ୍‌ଲାଏ ରାତିଆ କାଲୁଙ୍ଗ୍‌ତେ ବୁଲୁରାନା । ଆରଗାମ ଡ଼ାକେରି ଜେନାରି । ଆମାଡ଼ାକେକେଜେନା ଗିଆନ୍‌କେ । ଜିଙ୍ଗ୍‌ଲାଏ ତିଣିକି ବାଏବ ଆରିଆନା । ବାଏତେ ମୁଇଣ୍ଟ ଲେବେନମାନ୍ ସେଲଗ୍ । ଜିଙ୍ଗ୍‌ଲାଏତେ ଜୟବିରି କସବ । ସବଜ୍ ସେଲଗ୍ କରାଗ । ତା ଆରଦିନ ମେସାର ଜିଙ୍ଗ୍‌ଲାଏତେ ଜୟକିଜୁ ସେଲଗ୍ ଅବ୍‌ଗଜ୍‌ଚେକେତେ । ଜିଙ୍ଗଲାଏତେ ଗଗକିଜ ଲବକି । ସେଲଗ୍ ଗୋୟକିଜ ଚିଅଗକି ତେଣିକି ଜିଙ୍ଗଲାଏତେ ସୁଦଆନ୍‌କି ।**



ସେମାନେ ସମସ୍ତେ, ସେଠାରେ ପହଞ୍ଚି ହାଣ୍ଡିଆ ଚଲେଇଲେ, ପିଇଲେ, ଭାତ ରୋଷେଇ କରି ଖାଇଲେ । ସବାଶେଷରେ ଲୁଗାପଟା / ସପ ବିଛଣା ପାରିଲେ । ସେଠାରେ ଝିଙ୍କ ଆରାମ କଲା । ସେମାନେ ଝିଙ୍କକୁ କହିଲେ, ବାହାରକୁ ଗଲେ ଆମକୁ ଡ଼ାକିବୁ କହି ସେମାନେ ଶୋଇଲେ । ଝିଙ୍କ, ରାତିରେ ପରିସ୍ରା କରିବା ପାଇଁ ଉଠିଲା । ସେ କହିଲା, ଡାକିବି ନା ନାହିଁ, ଡାକିବି ନା ନାହିଁ, ଲାଜ ଲାଗୁଛି । ଝିଙ୍କ ସେଇଠୁ ବାହାରକୁ ବାହାରିଲା । ବାହାରେ ଶୋଇଥିଲା ଗୋଟିଏ କୁକୁର । ଝିଙ୍କକୁ ଦେଖିକରି ଧରିପକାଇଲା ଓ ତାକୁ ମାରିଦେଲା । ତା ପରଦିନ ସକାଳେ ଝିଙ୍କକୁ ଦେଖିଲେ । ଜାଣିଲେ କୁକୁର ମାରିଦେଇଛି । ଝିଙ୍କକୁ ନେଇକରି ପୋତିଦେଲେ । କୁକୁରକୁ ମାରିଦେଇ ଫିଙ୍ଗିଦେଲେ । ଝିଙ୍କର ଏମାନେ ଶୁଦ୍ଧକ୍ରିୟା କଲେ ।

# ଶିଆଲ ଆଉ ଅଳଂ ଦି ସିକାମ୍
# (ବିଲୁଆ ଓ ଠେକୁଆ ଦୁଇ ସଙ୍ଗାତ)

ଶିଆଲ ଅଳଂ ସେକାମ୍ ସବ୍‌ସେରାନ୍‌କିଆ । ଅଳଙ୍ଗ୍ ଗାତାଅ ଶିଆଲତତେ ସେକାମ ଆମ୍ ସେକଂଏତେ ଅନାଡ଼ାଏ । ଆଞ୍ଜ୍ ଅଣ୍ଡେ ରୁଙ୍କୁବ୍‌ତେ । ଶିଆଲ ଅନ ସେକଏତେ, ଆର ବାକାଲିଆ ଲର୍‌ଚେରେ । ସେଙ୍କଏକି କକବ୍‌କିକି ଏରେ ଆର ଞ୍ଜୁଁୟଁ । ଏରେତା ମାଟା ଲାଙ୍ଗୁରୁଇ ମୁଇଁଣ୍ଟ ସବଜ ଡୁଂଅଁ । ଲାଙ୍ଗୁରୁଇରେ, କେରବ୍ କେରବ୍ ଗାମ । ଲୁକକି ଅଂଅଁକି ଶିଆଲ ଲାଙ୍ଗୁରୁଇ ଗଗ୍‌ଡେ ଗାମକି । ଶିଆଲତେ ଡ଼ିନକିଜୁ ଆକୁୟକି । ଆରକି ଇଞ୍ଜାଁବ ଡୁଂଅଁକି । ଶିଆଲ ଅନଜ ଏରା ଡ଼କସେରେ । ଅଳଂ ଅରେନ୍‌କେ ରୁଙ୍କୁବ୍ ଆଉ ଅଜନ୍ ମସଲା । ତିଣିକି ଆରକିଆ ସେଂଅଁନ୍ ଟୁଲାୟାନ୍‌କିଆ ବିରି ଲାଲାଜ୍ ଗୁଜକିଆ ତଣ ଗଲାୟାନ୍‌କିଆ, ତଣ ଇସିନଜ ଆଂଆଁନ୍‌କିୟା, ତେଣିକି ସେଙ୍କଏରେ ମଳେଅକିୟା ।



ବିଲୁଆ ଓ ଠେକୁଆ ଦୁଇ ସଙ୍ଗାତ ବସିଲେ । ଠେକୁଆ କହିଲା, ବିଲୁଆକୁ ସଙ୍ଗାତ ତୁମେ ଯାଅ କୁକୁଡ଼ା ପାଇଁ । ମୁଁ ଯାଉଛି ଚାଉଳ ପାଇଁ । ବିଲୁଆ ଗଲା କୁକୁଡ଼ା ପାଇଁ, ସେ ଲୁଚିଛି ବାଡି ଭିତରେ । କୁକୁଡ଼ା ସବୁ ଖୁଦଖାଉଛନ୍ତି, ଏ ସବୁ ଦୃଶ୍ୟ ଦେଖୁଛି ବିଲୁଆ । ସେହି ଭିତରୁ ଗୋଟିଏ ବିରାଟ ଗଞ୍ଜା ବୋହିକରି ପଳେଇ ଆସିଲା । ଗଞ୍ଜାଟି ବୋବେଇଲା, ଲୋକସବୁ ଶୁଣିଲେ ବିଲୁଆ କୁକୁଡ଼ା ନେଉଛି । ବିଲୁଆକୁ ଖୋଜିଲେ ଯେ ପାଇଲେ ନାହିଁ । ସେମାନେ ଘରକୁ ଲେଉଟି ଆସିଲେ । ବିଲୁଆ ଯାଇ ସେଠାରେ ବସିଛି । ଠେକୁଆ ଆଣୁଛି ଚାଉଳ ଆଉ ତେଲ ମସଲା ଇତ୍ୟାଦି । ତା ପରେ ସେମାନେ କାଠ ସଂଗ୍ରହ କରି ନିଆଁ ଜଳାଇଲେ, ରୋଷଇ କଲେ, ଭାତ ହେଲା ପରେ କୁକୁଡ଼ାକୁ ମାରିଲେ ।

**ଅଲଙ୍ଗ ଗାମ, "ଶିଆଲତେ, ଆନେ କୁଟିଜ୍ ଆମ୍ତେ ଦାଉଲା ଗଂଙ୍ଗନ୍‌କମ୍ ।" ଅଲଙ୍ଗ୍ ସେକାମ୍ଣ୍ଡତେ ଗଂଙ୍ଗନଜ ଆର ସେକଂଏରେ କକର । ଶିଆଲ ଦାଉଲାରେତେ ତମର୍ଡ଼ବ କେଡ଼ାବ୍ କେଡ଼ାବ୍ତା ଅବ୍ତେଜ । ଶିଆଲ ଗାମ, "ଅଲଙ୍ଗ୍ତେଆଞ୍ଜ୍ତେ ମେଗଗନ୍ଚେର, ଦାଉଲା ଅବ୍ତେଜଜ ଡେନ । ସେକାମ୍ ଆମ୍ତେ ଏକଲଙ୍ଗ୍ ଗଂଙ୍ଗ୍ନ କମ୍ କୁ । ଶିଆଲ ଗଂଙ୍ଗନ ଅଲଙ୍ଗ୍ତେ । ଶିଆଲ ଆଏଲା କେଙ୍କେଞ୍ଜୁଁ । ଅଲଙ୍ଗ୍ ଗାର୍ଡେ, "ସେକାମ୍ ଇଜିଙ୍ଗ୍ଡ଼ ଆଞ୍ଜ୍ତେ ମୁଇଁଣ୍ଟ ଆନେ । ଶିଆଲ ଗାମ, "ଇଜିଙ୍ଗ୍ଡ଼ ଆଞ୍ଜ୍ ଆମାଡିଞ୍ଜ୍‌କେ ଜେନା ସୁଆଦଲାଗେରେ । ଜେନା ମେଗାମର ସେକାମ୍ ଡ଼ାଣାର ଜୁରିଞ୍ଜ୍ଆନେ । ଶିଆଲ ଗାମ୍, "ଡାଣାରବି ଆମା ଡ଼ିଞ୍ଜ୍‌କମ୍ ଜେନା ସେକାମ୍ ।**



ଠେକୁଆ କହିଲା ବିଲୁଆକୁ, ଆ ଟିକେ ତତେ ଦଉଡ଼ିରେ ବାନ୍ଧି ମୁଁ କୁକୁଡ଼ାକୁ ପୋଡ଼େ । ବିଲୁଆଟି ଦଉଡ଼ିକୁ କାମୁଡ଼ି କାମୁଡ଼ି ଛିଡେଇ ଦେଲା । ବିଲୁଆ ଠେକୁଆକୁ କହିଲା ମୋତେ ବାନ୍ଧିଥିଲୁ ଦଉଡ଼ିରେ ଛିଣ୍ଡେଇକରି ପଳେଇ ଆସିଲି । ସଙ୍ଗାତ ଏଥର ତୁମକୁ ବାନ୍ଧେ ଚାଲ । ବିଲୁଆ ବାନ୍ଧି ପକାଇଲା ଠେକୁଆକୁ । ବିଲୁଆ କୁକୁଡ଼ା ମାଂସକୁ ଖାଇଲା । ଠେକୁଆ ମାଗୁଛି, ସଙ୍ଗାତେ ମୋତେ ଖଣ୍ଡେ ଗୋଡ଼ଟା ଦିଅ । ବିଲୁଆ କହିଲା, ମୁଁ ତତେ ଗୋଡ଼ଟା ଦେବିନାହିଁ । ବହୁତ ସୁଆଦିଆ ଲାଗୁଛି । ନାହିଁ କହିବୁ ନାହିଁ ସଙ୍ଗାତ ଡେଣାଟା ହେଲେ ଦିଅ । ବିଲୁଆ କହିଲା ଯେ, ଡେଣାଟା ମଧ୍ୟ ଦେବାକୁ ମୁଁ ପ୍ରସ୍ତୁତ ନାହିଁ ।

ବକବଡ଼୍ ଜୁରିଞ୍ ଡିଞେଁ ଆନେ । ବକବଡ଼ା ଗିରିର ଆସିକେ, ଆମାଡିଞ୍ କେ ଜେନା । ଅଳର ଜୁରିଜ୍ ଆନେ । କେବେ ଆମାଡିଞ୍ କେ ଜେନା । ଅଳଙ୍ଗ୍ ଗାମ୍‌କେ, "ଆଏଳାରେ ଜିମେ ସେକାମ୍, ତଣରେ ଜୁରିଞ୍ ଆନେ । ଶିଆଳ ଗାମ୍, ତଣତ ଇତିବୁସୁ ଆମାଡିଞ୍‌କେ ଜେନା । ଶିଆଳ ତଣ ଉଟାଅ, ଆଏଳା ଉଟାଅ, ତାପରେ ଶିଆଳ ଅଳଙ୍ଗ୍‌ତେ ତର୍‌ଚେରଜୁ କାଜ । ଶିଆଳ ଗାମ, "ସେକାମ୍ ସେକାମ୍ ଏନାନାନ୍‌ତେ କୁଟିଜ୍ ଡକସେନା, ଆଞ୍ ବାକାଳିବ ଅନ୍‌ଣ୍ଡେ ।" ଶିଆଳ ଅଲଗାବ ଡୁଙଜ ମୁଇଁଣ୍ଟ ସୁଳୁବ୍ ଅରବିରି ଏରାତେ ବାଳିୟ । ଅଳଙ୍ଗ୍ ଡାକେକେ ଶିଆଳତେ - ଏସେକାମ୍ –ଏସେକାମ୍, ଶିଆଳ କୁଇୟାନ୍ । ଅଳଙ୍ଗ୍ ଗାମ, "ବିରି ମିକିବ୍‌ଡେ ।" ଶିଆଳ ଗାମ, "ଆସି ସେକାମ୍ ରାଜା ଗିନିସର ଜଗେସେକେ ।"



ମୁଣ୍ଡଟା ହେଲେ ଦିଅ ସଙ୍ଗାତ । ମୁଣ୍ଡରେ ତ ଗିରି ଅଛି ଆଉ ଦେବିନାହିଁ । ମାଂସଟା ହେଲେ ଦିଅ ସଙ୍ଗାତ । କୌଣସି କିଛି ଦେବାପାଇଁ ମୁଁ ପ୍ରସ୍ତୁତ ନାହିଁ । ଠେକୁଆ କହୁଛି, ମାଂସଟା ଖାଇଦେସଙ୍ଗାତ, ଭାତଟା ହେଲେ ଦିଅ । ବିଲୁଆ କହିଲା, "ଭାତ ତ ପେଟ ପୁରିବା ପାଇଁ ତେଣୁ କିଛି ଦେବିନାହିଁ ।" ବିଲୁଆ ଭାତ, ମାଂସକୁ ଖାଇ ସାରିଲା, ତା ପରେ ବିଲୁଆ ଠେକୁଆକୁ ବାନ୍ଧିଥିଲା ଯେ, ଫିଟେଇ ଦେଲା । ବିଲୁଆ କହିଲା, "ସଙ୍ଗାତ ଏଇଠି ଟିକେ ବସିଥାଅ । ମୁଁ ବାହାରୁ ଆସୁଛି ।" ବିଲୁଆ ଅନ୍ୟ ସ୍ଥାନକୁ ଯାଇ ଗୋଟିଏ ବଡ଼ ଠୁଙ୍ଗା ବନାଇ ସେଠାରେ ସେ ହଗି ଟାଙ୍ଗିକରି ରଖିଲା । ଠେକୁଆ ଡାକୁଛି ବିଲୁଆକୁ, ଏ ସଙ୍ଗାତେ, ବିଲୁଆ, "ହଁ ମାରିଲା ।" ଠେକୁଆ କହିଲା କ'ଣ କରୁଛ । ବିଲୁଆ କହିଲା ରୁହ ସଙ୍ଗାତ ରାଜାର ଜିନିଷ ଜଗିଛି ।

ଅଳଙ୍ଗ୍ ଆରା ଡେନ । ଶିଆଳ ଗାମ, "ଏନାନ୍‌ତେ କୁଟିଜ୍ ଡକସେନା ସେକାମ୍ । ରାଜା ଟୁମୁକୁଳିର ଜଗେ ସେରେ ନିତେ ମେପ୍‌ଟାଅର, ସେକାମ୍ । ଆଞ୍ଜ୍ କୁଟିଚ୍ ଡାକ୍ ଉରୁରୁର୍ ଅଣ୍ଡେ । ଏରେ ଗାମବିରି ଶିଆଳ ମୁଇଁଣ୍ଟ ଜାଗା ଡ଼କସେରେ । ଏରା ତିମିଙ୍ଗ୍‌କି ତର୍‌ଚେକିକି । ଏରେବେଳା ଅଳଙ୍ଗ୍ ମୁଇଁଣ୍ଟ ବାଡ଼ି ସବାନ୍ ଜ ଏରେତେ ପେଟେଅ । ଏରେ ବକ୍‌ବ୍‌ଡ଼ା ଅଲଗାନା, ଆର ସିଦା ନୁଦୀବ ଦବଡେସୁନ୍ ଅନ । ଉଆଗାନ୍‌ଜ ଡେନ । ଅଳଙ୍ଗ୍ ଶିଆଳତେ ଗାମ୍, "ମାଣ୍ଡା ମାସିକେ ନିବ ଉଆ ।" ଶିଆଳ ଗାମ, "ଏନାନ୍ ଉଆ ।" ଅଳଙ୍ଗ୍ ଆରାବ ଆଉଚିଆନା । ରାଜା ନାଗାରାର ଜଗେସେକେ । ଏନାନ୍‌ତେ କୁଟିଚ୍ ଡ଼କସେନା ଉଆ ବାକାଳିବ ଅଣ୍ଡେଗ, ଗାମ ଶିଆଳ ।



ଠେକୁଆ ତା ପାଖକୁ ଆସିଲା । ବିଲୁଆ କହିଲା, "ଏଠି ଟିକେ ବସିଥାଅ ସଙ୍ଗାତ । ରାଜାର ଗୋଟିଏ ଜିନିଷ ଜଗିଥାଅ, ଏହାକୁ ଫିଟାଫିଟି କରିବ ନାହିଁ । ମୁଁ ଟିକେ ପାଣି ପିଇ ଆସୁଛି ।" ଏହା କହି ବିଲୁଆ ଗୋଟିଏ ଜାଗାରେ ବସିପଡ଼ିଲା । ସେଠାରେ ବାଘମହୁ ବସା ବାନ୍ଧିଥିଲେ । ସେତେବେଳେ ଠେକୁଆ ଗୋଟିଏ ବାଡ଼ିଧରି ସେହି ବସାକୁ ପିଟିଦେଲା । ତାହା ବିଲୁଆ ମୁଣ୍ଡରେ ପଡ଼ିଗଲା, ସେ ଏକ ମୁହାଁ ହୋଇ ଦଉଡିଲା ନଦୀକୂଳକୁ । ଗାଧୋଇ ସାରି ଆସିଲା । ଠେକୁଆ ବିଲୁଆକୁ କହିଲା, "କେଉଁଠି ଅଛୁ ଇଆଡେ ଆସ ।" ବିଲୁଆ ଦେଖିଲା ଠେକୁଆ ରାଜାର ନାଗରା ଜଗିଛି । ବିଲୁଆ ଠେକୁଆକୁ କହିଲା, ସଙ୍ଗାତେ ଟିକେ ଜଗିଥାଅ ମୁଁ ଟିକେ ବାହାରୁ ଆସୁଛି ।

ତା ପରେ ଶିଆଳ ବାକାଲିବ ଅନ । ଶିଆଳ ଗାମ, ‘ଏରେତେ ମେପେଟାଅର ସେକାମ୍, ରାଜା ଲେମେଲୋଁ ।‘ ଶିଆଳ ଅନ ମୁଇଁଣ୍ଟ ବାଲିକୁଦା ଲାଲାଜ୍ ଗୁଜ । ଅଳଙ୍ଗ୍ ବିରି କିବନା, ମୁଇଣ୍ଟ ବାଡ଼ି ସବାନ୍‌ଜ ପେଟେଅ ଝଁଲେର୍‌କିତେ । ତା ପରେ ବୁଇରକି କେଡ଼ାବକି । ଜେକ୍‌ସୁନ୍ ଡୁଙଅଁ ଅଳଙ୍ଗ୍ । ଆଉଚିଆନ୍ ଶିଆଳ ଆସରା । ଅଳଙ୍ଗ୍ ଜିଡଅଁ ଶିଆଳତେ, ‘ବିରି ମିକିବ୍‌ଡେ ସେକାମ୍ ।‘ ଶିଆଳ ଗାମ, ‘ବାଲି ଗାଚ୍‌କେ ।‘ ଅଚତା ଶିଆଳ ଅଳଙ୍ଗ୍‌ତେ ଗାମ୍‌କେ ଡିଅର ଆଜଏରେଏତେ ଅମନ୍‌ଡ୍ରେ ଲଲବ୍‌ବାଲି ରଙ୍‌ଆଁ । ଅଳଙ୍ଗ୍ ଗାମଜୁ ଶିଆଳତେ, ‘ଆଁବିତ ଆଜଏରେ ଆଞ୍ଜୁଁତେ ବି କୁଟିଜ୍ ରଗଞ୍ଜିଜ୍ । ଶିଆଳ ରଗ ଅମର୍‌ଡାତେ ବାଲି । ଅଳଙ୍ଗ୍ ଗାମ, ‘ସେକାମ୍ ଗଜ ସେକାମ୍ ଗଜ ।’



ତାପରେ ବିଲୁଆ ବାହାରକୁ ଗଲା । ବିଲୁଆ କହିଲା, “ସେଇଟାକୁ ଫିଟାଫିଟି କରିବ ନାହିଁ । ରାଜା ମହାଶୟ ବିଗିଡିବେ ।” ବିଲୁଆ ଯାଇ ଗୋଟିଏ ବାଲି କୁଦାରେ ଅଗ୍ନି ସଂଯୋଗ କଲା । ଠେକୁଆ କ’ଣ କଲା, ଗୋଟିଏ ବାଡ଼ି ଧରି ପୁଣିଥରେ ପିଟିଦେଲା ବାଘମହୁକୁ ପରେ ବାଘମହୁ ଆସି ଚାବିଦେଲେ । କାନ୍ଦି କାନ୍ଦି ପଳାଇଲା ଠେକୁଆ । ପହଞ୍ଚିଲା ଯାଇ ବିଲୁଆ ପାଖରେ । ପଚାରିଲା ବିଲୁଆକୁ, “କଣ କରୁଛ ସଙ୍ଗାତେ ।” ବିଲୁଆ କହିଲା, “ବାଲି ଭାଜୁଛି ।” ପଛରେ ବିଲୁଆ ଠେକୁଆକୁ କହିଲା, ଆଖିଟା ଭଲଦେଖା ଯାଉନାହିଁ ସେଥିପାଇଁ ଗରମ ବାଲି ଆଖିରେ ଦେଉଛି । ଠେକୁଆ କହିଲା ଶିଆଳକୁ, “ମୋର ମଧ ଭଲ ଦେଖା ଯାଉନାହିଁ ମୋତେ ବି ଢାଳ ।” ବିଲୁଆ ଢାଳିଦେଲା ଠେକୁଆ ଆଖିରେ ବାଲି । ଠେକୁଆ କହିଲା, “ମରିଗଲି ସଙ୍ଗାତେ ମରିଗଲି ସଙ୍ଗାତେ ।”

**ଅଲଙ୍ଗ୍ ନାଲତୁଲିଆ ଅନଜ ଅମର୍ଡ ଆମରାନ୍ ବିରି ଆରବ ବେଜ୍ଡେନ । ଶିଆଲ, ଟଲା ମୁଇଣ୍ଟ ବନା ଏକେ । ଶିଆଲତେ ଜିଙ୍ଗଁ ଅଲଙ୍ଗ୍, "ବିରି ମେବନାଏକେ ।" ଶିଆଲ ଗାମ,"ବାଇନ୍ଦିରାକି ଡେମେନାକି ବଲତେ ଆଲୁଙ୍ଗ୍ତେ ଆସିନା ।" ଅଲଙ୍ଗ୍ ଗାମ, "ସେକାମ୍ ଆଇଂତେ ମୁଇଣ୍ଟ ମେବନାଏ ।" ଶିଆଲ ଗାମ, "ଏନାନ୍ତେ ଡୁଇନାଡେ ମିଲିଲିଆର ।" ଅଲଙ୍ଗ ଗାମ, ଅଏଡେ । ଶିଆଲ ବିରିକିବ ଅଲଙ୍ଗ୍ତେ ଟେକେଅଜ ଏଗେରା ଆପସାଅ, କିର ଦିଲାତ । କୁଣ୍ଟଆ ଗଗଜ ପେଟେଅ । ଅରେନଜ କାଜ । ଶିଆଲ ଜୟଜୁ ଅଲଙ୍ଗ୍ଢ଼େ ଗଚ୍ଚେକେତେ । ଶିଆଲ ଗାମଜୁ ସେକାମିତ୍ତେ ଅବ୍ଗଜ । ଅଲଂଙ୍ଗା ଦିରେ ସିଆଲ ଜେଚ୍ତା ଜେଚ୍ତା ଗଜ ।**



ଠେକୁଆ ନଦୀକୂଳକୁ ଯାଇକରି ଆଖିଟା ଧୋଇଲା ପୁଣି ଫେରି ଆସିଲା ବିଲୁଆ ପାଖକୁ । ବିଲୁଆ ଗୋଟିଏ ବଡ଼ ଠୁଙ୍ଗା ତିଆରି କରୁଛି । ବିଲୁଆକୁ ପଚାରିଲା ଠେକୁଆ, "କ'ଣ ତିଆରି କରୁଛୁ ?" ବିଲୁଆ କହିଲା, "ଚନ୍ଦ୍ରମା ଆସିବା ବେଳେ ଘର ଭିତରେ ଥିବି ।" ଠେକୁଆ କହିଲା, "ସଙ୍ଗାତେ ମୋତେ ଗୋଟେ ତିଆରି କରିଦେବ ।" ବିଲୁଆ କହିଲା, "ଏହିଠାରେ ବସିଥିବୁ ପାଟି କରିବୁ ନାହିଁ ।" ଠେକୁଆ କହିଲା ହଁ । ବିଲୁଆ ଦଉଡି ଆଣିକରି ତାକୁ ବାନ୍ଧିପକାଇଲା । ବିଲୁଆ କ'ଣ କଲା ଠେକୁଆକୁ ଟେକିକରି ପଥରରେ କଚାଡିଲା, ମାରିଲା ଦୁଇ ଗୋଇଠା । ଖୁଣ୍ଟପାଖକୁ ଯାଇ ପିଟିଲା । ଆଣିକରି ଫିଟେଇଦେଲା । ବିଲୁଆ ଦେଖିଲା ଯେ ଠେକୁଆ ସ୍ୱର୍ଗବାସୀ । ବିଲୁଆ କହିଲା ଯେ ମୁଁ ମୋର ସଂଗାତକୁ ମାରିଦେଲି । ଠେକୁଆ ପାଇଁ କାନ୍ଦି କାନ୍ଦି ବିଲୁଆ ମଧ୍ୟ ଚାଲିଗଲା ଆରପାରିକୁ ।

# ଆଣ୍ଡୁ ଆଜାଞ୍ଜାଁ ମିଟା ଦୋକାନ
# (ହନୁ ଅଜାର ମିଠା ଦୋକାନ)

**ଆଣ୍ଡୁ ଆଜାଞ୍ଜାଁ ବଣ ମୁଜିତେ ମୁଇଁଣ୍ଟ ଦୋକାନ ଆସିଆନ । ରସଗୁଲା, ଲୁଡୁ, ଗଜା, ଜିଲାପୀ, ଜାମୁ, ରାସାବଳି ଜାତି ଜାତିକା ମିଟା ଭାରେନସେର । ଜିଏ ତରମିଂଜ୍ ଆଜାଂଞ୍ଜାଁ ଦୋକାନତା ମିଠା ଜିମ୍ ସେକେ ଆର ଆବାଣାରେ ଜେନା । ବାହାଗର, ଏକୁଇଶିଆ, ଜନ୍ମଦିନତେ ବରାଦିଆ ମିଟା ଆଜାଞ୍ଜ୍‌ବନାଏସେକେ । ଆଣ୍ଡୁ ଆଜାଞ୍ଜାଁ ମିଟାର ଜିମକିଜବଣ ରାଇଜରା ସମଦାଇ ଖୁସିରେ ଆସିକିକି । ଆଣ୍ଡୁ ଆଜାଞ୍ଜ୍ ଅବତେ ମିଠା ଭାରମିଂଞ୍ଜି କିଳଗ୍ ରାଜାତେ ଗଗ୍‌କେ । କିଳଗ୍ ରାଜା ଜିମଜ ଖୁସି ଇରେ । ଆଣ୍ଡୁତେ ପ୍ରଶଂସା କିବ୍‌କେ । ଏଲେ ଶିଆଳତେ ଇନିସବୁ ଡିଅ ଆଲାଗେରେ । ଶିଆଳତ ସହଜେ କେଟଳ । ଏତେ ଆର ଯେତେତର ଆଣ୍ଡୁ ଆଜାଞ୍ଜା ଦୋକାନରବ ଅନ୍‌ଡେ ଆଜାଞ୍ଜା ଆରତେ ଖାତିର ଆକିବ୍‌କେ କି ମିଠା ଜିଜିମ୍‌ତେ ଆଡିଞ୍ଜ୍‌କେ ।**



ବଣ ମଝିରେ ହନୁ ଅଜାର ମିଠା ଦୋକାନ । ରସଗୋଲା, ଲଡୁ, ଗଜା, ଗୋଲାପଜାମୁ, ରସାବଳି ଜାତିଜାତିକା ମିଠା । ଯିଏ ଥରେ ଅଜା ଦୋକାନରେ ମିଠା ଖାଇଛି ସେ ଭୁଲି ପାରେନାହିଁ । ବାହାଘର, ଏକୋଇଶିଆ, ଜନ୍ମଦିନରେ ଅଜା ବରାଦିଆ ମିଠା କରିଥାଏ । ହନୁ ଅଜାର ମିଠା ଖାଇ ବଣ ରାଇଜର ସମସ୍ତେ ଖୁସିରେ ଥାଆନ୍ତି । ହନୁ ଅଜା ପର୍ବପର୍ବାଣିରେ ମିଠାଭାର ବାଘ ରାଜାକୁ ଦିଏ । ବାଘ ରାଜା ଖାଇ ଖୁସି ହୁଅନ୍ତି । ହନୁକୁ ପ୍ରଶଂସା କରନ୍ତି । କିନ୍ତୁ ବିଲୁଆକୁ ଏହି ସବୁ ଭଲ ଲାଗେ ନାହିଁ । ବିଲୁଆ ତ ସହଜରେ ଦୁଷ୍ଟ । ତେଣୁ ସେ ଯେତେଥର ହନୁ ଅଜା ଦୋକାନକୁ ଯାଇଛି ଅଜା ତାକୁ ଖାତିର କରେ ନାହିଁ କି ମିଠା ଖାଇବାକୁ ଦିଏ ନାହିଁ ।

ଏତେ ଶିଆଳଆ ଆଣୁତେ ରାଗ । ଦିନମିଞ୍ଜ୍ ସେକାଳ ସେକାଳ ଶିଆଳ ଅନ ଆଣୁ ଆଜାଞ୍ଜା ମିଟା ଦୁକାନତେ ଆଜର ଇଆନା । ଦାନ୍ତରତେ ଆବ୍‌ଜୟଜ ଗାମ, "ଆଜା ମିସିଜ୍ କିଲଗ୍ ରାଜା ଇଂଞ୍ଜାଞ୍ଜ୍ କୁଣିଆ ଡେନ୍‌ସେରିକି । ଡିଅ ଡିଅ ମିଟା ଭାରମିଞ୍ଜ୍ ଗଗଗ୍‌ତେ ଆଞ୍ଜ୍‌ତେ କିନ୍‌ଚିକିକି ବିଗ ବିଗ ଆନେ ।" ବିଲଗ୍ ରାଜାରା ନାଆଁର ଅଂଙଜ ଆଣୂ ସାଙ୍ଗେ ସାଙ୍ଗେ ଡିଅ ଡିଅ ମିଟା ଭାରମିଜ୍ ସାଜାଡେଅ । ଶିଆଳ ମିଟା ଭାରମିଞ୍ଜ୍‌ଡେ ଶବଜ ଆରା ନିଜ ଇଂଞ୍ଜାରବ ଗଗାନ୍ । ଉଆଲିକିତେ ସାମୁରାତେ ଡବ୍‌କୟଜ ମନଖୁସିରେ ମିଟା ଜିମ । ଯେଉଁଦିନ ଶିଆଳଆ ମିଟା ଜିଜିଁମ୍‌ତେ ମନର ଇରେ ଆର କିଲଗ୍‌ଗା ନାଅଆଁ ଗାତାଅଜ ମିଟା ଅରେନାନ୍‌ଜ ଜିମ୍‌କେ । ଗାତାରେ ବେସୀଦିନ ଆଲରାନ୍ ଶିଆଳଆ ଫନ୍ଦିର ଆଣୁ ଆଜାଞ୍ଜ୍ ଠିକ ବୁଜିଅ । ସୁଇଂଜ୍ ଶିଆଳତେ କୁଟୁଜ୍ ପାନମିଜ୍ ଡିଞ୍ଜେ ବୋଲି ଭାବେଅ । ଦିନମିଞ୍ଜ୍ କିଲଗ୍ ରାଜା ଇଞ୍ଜାଁରାତେ ଚିତା କିଲଗ୍‌ଗା ଗାତାରେ ଅଂଙଜ ଡେନ ।



ତେଣୁ ବିଲୁଆର ହନୁକୁ ରାଗ । ଦିନେ ସକାଳୁ ସକାଳୁ ବିଲୁଆ ଯାଇ ହନୁଅଜାର ମିଠା ଦୋକାନରେ ହାଜର ହେଲା । ଦାନ୍ତକୁ ଦେଖାଇ କହିଲା, "ଅଜା ଆଜି ବାଘ ରାଜା ଘରକୁ କୁଣିଆ ଆସିଛନ୍ତି ।" ଭଲ ଭଲ ମିଠା ଭାର ନେବାପାଇଁ ମୋତେ ପଠେଇଛନ୍ତି । ଶିଘ୍ର ଶିଘ୍ର ଆଣେ । ବାଘ ରାଜାଙ୍କର କଥା ଶୁଣି ହନୁ ସଙ୍ଗେ ସଙ୍ଗେ ଭଲ ଭଲ ମିଠାଭାର ସଜାଡିଦେଲା । ବିଲୁଆ ମିଠାଭାରକୁ ନେଇ ନିଜ ଘରକୁ ଗଲା । ପିଲାମାନଙ୍କୁ ପାଖରେ ବସାଇ ମନଖୁସିରେ ମିଠା ଖାଇଲା । ଯେଉଁଦିନ ବିଲୁଆର ମିଠା ଖାଇବାକୁ ମନ ହୁଏ, ସେ ବାଘ ନାଁ କହି ମିଠା ଆଣିଥାଏ । କଥାଟା ବେଶି ଦିନ ଲୁଚିରହିଲା ନାହିଁ । ବିଲୁଆର ଫନ୍ଦି ହନୁ ଅଜା ଠିକ୍ ବୁଝିପାରିଲା । କେମିତି ବିଲୁଆକୁ ଟିକେ ପାନେ ଦେବ ବୋଲି ଭାବିଲା । ଦିନେ ବାଘ ରାଜା ଘରୁ ଚିତାବାଘ କଥାଟା ଶୁଣି ଆସିଲା ।

ରାଜାକନନ୍ତା ଜନ୍ମଦିନର ତେରା । ଦଶ ପ୍ରକାର ଡିଅ ଡିଅ ମିଠା ରାଜା ଇଞ୍ଜାରବ ଆବ୍‌ଗଗ୍‌ତେ ମିନା । ଆଣୁ ଆଜାଞ୍ଜ୍ ମିଟା ବନାଏତେ ଲାଗେଆନା । ଏରେ ଦିନରେ ଆସିଆନା ଦଶହରା । ଆଣୁ ଆଜାଞ୍ଜା ଦୋକାନରେ ଭିଡ । ସମଦାଇ ମିଠା ସଙ୍ଗାନ୍‌କି । କୁଟିଚ୍‌ତା ଇତେଇତେ ଦୋକାନ 'ାଙ୍କା । ଆଜାଞ୍ଜା ରାଜା ଇଂଞ୍ଜାଁ ଗାଥା ମନେ ଅଳଗାନା । ବିରି କିବ୍‌ବେ । ଆରତେ ମୁଇଁନ୍‌ଟ ବୁଦ୍ଧି ଜୁଟିଆ । ଆର କିଛି ମିଟା ଆଂରେନଜ ଆରକିତେ ଖୁଣ୍ଡିଆ କିବଜ କୁଟୁଜ୍ କୁଟୁଜ ସମଦାୟ ତାଳାଇତେ ଉନଜ ବକବ୍‌ଡାତେ ଶବନ୍‌ଜ ଡକ୍‌ଆନା । ରସମିଞ୍ଜ୍ ଅନ ଅଚତା ଚିତା କିଳଗ୍ କିତିଜଣ ଲୋକକିତେ ସବଜ ଆଣୁ ଆବ ଡେନକି । ଜୟ, ଆଣୁ ବକବଡ଼ା ଇତିର କିବ୍‌ବାନ୍‌ଜ ଡକସେରେ । ତାଳାଇଆ ମିଠା ଜଅତେ । ଗାତାରେ ବିରି ଇସେରେ ? ଆଣୁ କିଛି ଉତର ଆଡିଞ୍ଜ୍‌ଜ ଖାଲି ଜେଜେଗ୍‌ତେ ଲାଗେ ଆନା ।



ରଜାକୁମାରଙ୍କ ଜନ୍ମଦିନ ଆସନ୍ତାକାଲି । ଦଶ ପ୍ରକାର ଭଲ ଭଲ ମିଠା ରାଜା ଘରକୁ ନେବାକୁ ପଡିବ । ହନୁ ଅଜା ମିଠା ତିଆରି କରିବାରେ ଲାଗିଲା । ସେ ଦିନଟି ଥିଲା ଦଶହରା ପର୍ବ । ହନୁ ଅଜାର ଦୋକାନରେ ଭିଡ଼ ହୋଇଥାଏ । ସମସ୍ତେ ମିଠା କିଣିଲେ । ଅଳ୍ପ ସମୟରେ ଦୋକାନ ଖାଲି । ହନୁ ଅଜାର ରାଜାଘର କଥା ମନେ ପଡ଼ିଗଲା । କ'ଣ କରିବ ? ତାକୁ ଗୋଟିଏ ବୁଦ୍ଧି ଜୁଟିଲା । ସେ କିଛି କିଛି ମିଠା ଆଣି ତାକୁ ଖଣ୍ଡିଆ କରି ସବୁ ଥାଳୀରେ ରଖି ମୁଣ୍ଡରେ ହାତ ଦେଇ ବସି ରହିଲା । କିଛି ସମୟ ପରେ ଚିତାବାଘ କେତେ ଜଣ ଲୋକ ନେଇ ହନୁ ଅଜା ପାଖକୁ ଆସିଲା । ଚିତା ଦେଖିଲା ହନୁ ମୁଣ୍ଡରେ ହାତ ଦେଇ ବସିଛି । ଥାଳିରେ ମିଠା ନାହିଁ । କଥାଟା କ'ଣ ହୋଇଛି ? ହନୁ କିଛି ଉତ୍ତର ନ ଦେଇ ଖାଲି କାନ୍ଦିବାକୁ ଲାଗିଲା ।

ଚିତା କିଛି ବୁଝି ଆରିମାନ୍‌ଜ ଆଣୁତେ ରାଜା ଇଞ୍ଜାବ ଗଗ । ଏରାତେ ଶିଆଳ ଆଗିଲାତେ ଖୁସିରେ ଡ଼କସେରାନ୍ । ରାଜା ମିଟା ଭାର ଆଜୟଜ ଚଲେଆନଜ ଗାମ, "ବିରି ଆଣୁ ମିଟା ମାଣ୍ଡିଆ ।" ଆଣୁ ଆଜାଞ୍ଜ ଇତିର ଉଲୁଗିଆନ୍‌ଜ ଗାମ୍, "ମଣିମା ! ଆଞ୍ଜ୍ କପାଳ ପାମାଗଡ଼୍; ମିସିଂ ରାଜ କୁମାରଆ ଜନ୍ମଦିନ ଆସିକେ । କେଡେ ବାଗର ଆଂଞ୍ଜ୍ ମିଟା ବନାଏ ସେର । ହେଲେ ଆମା ସାମୁମାଁ ଯିଏ ଉଚ୍ଚା ଆସନଆ ଜକସେରେ, ଆର ନିଞ୍ଜାଁ ଶିଆଳ କାକାଞ୍ଜ୍ ଆରା ପୁରିବାର ସହିତ ସେକାଳ ସେକାଳ ଅନଜ ସୁବୁ ମିଟା ଜିମକିକ ଡେନକି । ଖାଲି ଆରା ଆଇଁଟା ମିଠା ଗିନି ଆସିକେ । ଯଦି ସତ ଜେନା ମେଗାମ୍‌କେ ଚିତା କିଳଗ୍‌ତେ ଜିଂଢେ । ଆଣୁ ଆଜାଞ୍ଜାଁ ଗାତାର ଅଂଙଜ ରାଜା ଜୁର୍ ରାଗେ ଆନା । ଚିତା କିଳଗ୍‌ଡାତା ସୁବୁ ଅଂଙଜ ଶିଆଳତେ ପାନମିଞ୍ଜ୍ ଡିଂଞ୍ଜ । ଚାବୁକୁ ମାଡ଼୍ ଜିମ୍‌ଜ ଶିଆଳ ଖାଲି ଡେଗେ ଡେଗେଅ । ଆଣୁ ଆଜାତେ ମିଛ ଗାମ୍‌ମଜମିଠା ଜିଜିଁମମାନା ଏତେ ଫଳ କୁଇଆନ୍ । ଆଣୁ ଆଜାଞ୍ଜ୍ ରାଜାତା ବିଦାୟ ଗଗାନ୍‌ଜ ଡେଗେ ଡେଗେ ଆପଣା ଆରା ବାସାରବ ଢୁଂଙ ।



ଚିତା କିଛି ବୁଝି ନ ପାରି ହନୁକୁ ଧରି ରାଜା ଘରକୁ ନେଲା । ସେଠାରେ ବିଲୁଆ ଆଗରେ ମନ ଖୁସିରେ ବସିଥାଏ । ରାଜା ମିଠାଭାର ନ ଦେଖିବାରୁ ଗର୍ଜନ କରି କହିଲେ, "କ'ଣ ହନୁ ମିଠା କାଇଁ ।" ହନୁ ଅଜା ହାତ ଯୋଡ଼ି କହିଲା, "ମଣିମା ମୋର କପାଳ ଫଟା ।" ଆଜି ରାଜକୁମାରଙ୍କ ଜନ୍ମଦିନ ଅଛି । ମୁଁ ସୁନ୍ଦର ମିଠା ବନେଇଥିଲି । ହେଲେ ଆପଣଙ୍କ ପାଖରେ ଯିଏ ଉଚ୍ଚ ଆସନରେ ବସିଛି, ସେଇ ଆମ ବିଲୁଆ ନନା ତା ପରିବାର ସହ ସକାଳୁ ସକାଳୁ ସବୁ ମିଠା ଖାଇ ଦେଇ ଆସିଛନ୍ତି । ଖାଲି ତାର ଅଇଁଠା ମିଠା ଗୁଡ଼ିକ ଅଛି । ଯଦି ସତ ମଣୁ ନାହାଁନ୍ତି ତା' ହେଲେ ଚିତା ବାଘକୁ ପଚାରନ୍ତୁ । ହନୁ ଅଜାର କଥା ଶୁଣି ରାଜା ଜୋରରେ ରାଗିଗଲେ । ଚିତା ବାଘଠାରୁ ସବୁ କଥା ଶୁଣି ବିଲୁଆକୁ ପାନେ ଦେଲେ । ଚାବୁକ ମାଡ଼ ଖାଇ ବିଲୁଆ ଖାଲି ଘୁରି ବୁଲିଲା । ହନୁ ଅଜାକୁ ମିଛ କହି ମିଠା ଖାଉଥିବାରୁ ଏପରି ଫଳ ପାଇଲା । ହନୁ ଅଜା, ରାଜଙ୍କଠାରୁ ବିଦାୟ ନେଇ ଡେଇଁ ଡେଇଁ ନିଜ ଘରକୁ ଫେରିଲା ।

# ଜୁଆଙ୍ଗ୍ କା ଜନମ ଗାତା
# (ଜୁଆଙ୍ଗ ମାନଙ୍କର ଜନ୍ମ କଥା)

ଅନଗା ଉରୁଣା ଗାତା । ଦରମ୍ କଇଲଙ୍ ପୁର୍‌ତବିତେ ଅମ୍ବାଟ ମୁଣୁଷ ବନାଅ । ଆରକିଆ ଇଆନ୍‌କିଆ ରୁସି ଆଉ ରୁସିଆଣି । ଆର୍‌କିଆ ଗୋନାସିକାରା ମୁଇଁଟ ଉଲୀ ପାଖତେ ରଏନ ମାନ୍‌କିଆ । ମୁଲକରେ ସୁବୁଆଡେ ଡାକ୍ ଆସିୟାନ୍ । ଏରେବେଲା ମୁଣୁସକି ରଏତେ ସୁବିଦା ଆରାସିଆନ୍ । ମିସିଙ୍‌ଆଁ ଆରାକିୟା ମୁଇଣ୍ଟ କନନ୍ ଜନମ ଇୟାନ୍ । ଏରେବେଲା ଦରମ କଲ୍ୟଙ୍ ଟାଙ୍କୁଣିଙ୍ ଡାକ୍‌ତେ କବ୍‌ସରଜ ମୁଣୁସକିତେ ଉନନ୍‌ତେ ଜାଗେୟାନ୍ । ଏରାଦିରେ ରୁସିକନନ୍‌ତେ ଗେଅକିଜ ଇଞ୍ଜାଁମ୍‌ଡ଼ ସୁବୁଆଡ଼େ ଜିଣ୍ଟିତେ ମଲଗ୍‌ଗାଁ । ଏଏତେ ଦରମ କଲ୍ୟଙ୍ଗ୍ ରଷିତେ ଜିଙ୍ଗ୍‌ଅଁ । ରଷି ମଙ୍ଗେଅ ଏଲେ ରଷିଆଣୀ ଆମଙ୍ଗେଅ । ରଷୀ କନନ୍‌ତେ ଗେଗେତେ ଦରମ୍ କଇଲଙ୍ ମୁଇଁଣ୍ଟ କିଲଗ୍ କିନ୍ ।



ଆଗକାଳର ପୁରୁଣା କଥା । ଧର୍ମ ଦେବତା ପୃଥିବୀରେ ଦୁଇଟି ମଣିଷ ସୃଷ୍ଟି କରିଥିଲେ । ସେ ଦୁଇଜଣ ହେଲେ ଋଷି ଓ ଋଷିଆଣି । ସେ ଦୁଇଜଣ ଗୋନାସିକା ପାଖରେ ଗୋଟିଏ ଛୋଟ ପାହାଡରେ ରହୁଥିଲେ । ପୃଥିବୀରେ ସବୁଆଡେ ପାଣି ଥିଲା । ସେତେବେଳେ ମଣିଷ ମାନେ ରହିବାକୁ ସୁବିଧା ନଥିଲା । ଦିନେ ସେ ଦୁଇଜଣଙ୍କର ଗୋଟେ ପିଲା ଜନ୍ମହେଲା । ଏତିକିବେଳେ ଧର୍ମଦେବତା ସବୁ ପାଣିକୁ ଶୁଖେଇ ମଣିଷ ମାନଙ୍କୁ ରଖିବାକୁ ଇଚ୍ଛାକଲେ । ସେଥିପାଇଁ ଋଷିପୁତ୍ରକୁ ମାରି ତା ରକ୍ତ ସବୁଆଡେ ଛିଞ୍ଚିବାକୁ ପଡ଼ିବ । ତା ପରେ ଧର୍ମଦେବତା ଋଷିଙ୍କୁ ପଚାରିଲେ । ଋଷି ରାଜିହେଲା ହେଲେ ଋଷିଆଣି ନାହିଁ କହିଲା । ଋଷି ପୁଅକୁ ମାରିବା ପାଇଁ ଧର୍ମଦେବତା ବାଘ ପଠେଇଲେ ।

**ରୁସି କନନ୍ କାକାଗ୍ କକମ୍ବ କିଲଗ୍ତେ ଅବ୍ଗଜ । ଆର କାକାଗ୍ କକମ୍ ତୁତୁଙ୍ଗିତେ ଧୁରଦଂର ଆସିୟାନ୍ । ଦରମ୍ କଇଲଙ୍ ରୁସିତେ ଗାମମ, ଡ଼ାଲୁଙ୍ ଅନଜ୍ କନନମ୍ତେ କାକାଗ୍ ଗଗମ୍ତେ ମନା ମିକିବେ । ଅବାରା ଗାତା ମାନେଅଜ କନନ୍ଡ଼ କାକାଗ୍ ଆଗଗାନ୍ । କିଲଗ୍ ଏରେବେଲା ଆରତେ ଜିମ୍ । ଆରା ଇଞ୍ଜାମ୍ଡ଼ ସୁବୁଆଡ଼େ ଜିଣ୍ଟିଅକି । ଏରେତାସୁନ ପୁରୁତିବିରା ଡ଼ାଗ କସର୍ଜେନା । ଆରା ଇଜିଙ୍ ଇତିର ଉଲିକି ଇୟାନ୍କି । ବକପ୍ଡ଼ତା ଜୁଣ୍ଟରତା ଗାସ, ସୁମୁସିଞ୍ଜିଲଅ ଇୟାନ୍ । ତିଣିକି ଋଷି ରୁସିଆଣୀକିୟା ବାରଗଟା କନନ୍ କଞ୍ଜେଲାନ୍ ଇୟାନ୍ନି । ଏରେକି ଇୟାନ୍କି ଜୁଆଙ୍ଗ୍ । ଏରେତାସୁନ୍ ଜୁଆଙ୍ଗ ଜାତି ସୃଷ୍ଟି ଇୟାନ୍ ।**



ଋଷି ପୁଅ ଧନୁଶରରେ ବାଘକୁ ମାରିଦେଲା । ସେ ଧନୁରେ ପାରଙ୍ଗମ ଥିଲା । ଧର୍ମଦେବତା ଋଷିଙ୍କୁ କହିଲେ ଗାଧୋଇ ଗଲାବେଳେ ପୁଅକୁ ଧନୁ ନେବାକୁ ମନା କରିବୁ । ବାପାର କଥାମାନି ପୁଅ ଧନୁ ନେଲା ନାହିଁ । ବାଘ ସେତେବେଳେ ତାକୁ ଖାଇଲା । ତାର ରକ୍ତ ସବୁଆଡେ ଛିଞ୍ଚିଲେ । ତା ପରେ ପୃଥିବୀରୁ ପାଣି ଶୁଖିଲା । ତା ଗୋଡ ହାତରୁ ପାହାଡ ପର୍ବତ ସୃଷ୍ଟି ହେଲା । ତା ମୁଣ୍ଡର ବାଳରୁ ପତ୍ର, ଘାସ, ଗଛଲତା ସୃଷ୍ଟି ହେଲା । ତା ପରେ ଋଷି ଋଷିଆଣୀମାନଙ୍କର ୧ ୨ଟା ପୁଅ ଓ ୧ ୨ଟା ଝିଅ ଜନ୍ମ ହେଲେ । ସେମାନେ ହେଲେ ଜୁଆଙ୍ଗ ପୁତ୍ର । ସେହିଠୁ ଜୁଆଙ୍ଗ ଜାତି ସୃଷ୍ଟି ହେଲେ ।

# ଗରେଚ୍, କିଲଗ୍ ଆଉ ମୁଇଁଷିଆଳ ଗାତା
# (ଏଣ୍ଡୁଅ, ବାଘ ଓ ମନୁଷ୍ୟର କଥା ।)

ଗରେଜ୍ ମୁଇଁଟ ବନ୍ଧକଡେ । ଯିଏ ଡେଣ୍ଡେକି ଏରେ ବନ୍ଧରା ଡାକ୍ ଉର୍କିକି । ମେରେଗ ଡ଼ାଗ୍ ଉରୁର୍ ଡେଣ୍ଡେ । ଆତି ଡ଼ାଗ୍ ଉରୁର୍ ଡେନ୍ଣ୍ଡେ । କନ୍ତେର୍କି ଡେଣ୍ଡିକି ଡାକ୍ ଉର୍କିକି, କିଲଗ୍ ବାନାଏ ବି ଡ଼ାଗ୍ ଉରୁର୍ ଡେନ୍ଣ୍ଡେକି । ବନ୍ଧରତେ ଉବ୍ରାଜଜ ଡୁଙ୍ଗ । ଗରେଜ୍ ଆଉ ତରମିଂନ୍ତା ବେକ୍କଙ୍ଗ । ତା ପରେ ଗରେଜ୍ ଡୁଙ୍ଗ ଡଡରାବ । ମୁଇଁଷିକି ଡେନ୍ଡିକି ଡାଗ୍ ଉର୍କିକି, ମେରମ୍କି ଡେନ୍ଡିକି ଡ଼ାଗ୍ ଉର୍କିକି । ମୁଣୁଷକି ଉଆଗ୍ଡେକି ଡୁଂଙ୍ଗ୍କେକି । ଆଉ ତରମିଂନ୍ତା ଡେନ କିଲଗ୍ ଡ଼ାଗ୍ ଉରଜ ଉବ୍ରାଜ୍ଜ ଡୁଂଙ୍ଗ । ଗରେଜ୍ ବେଚ୍ଡେନ ଆଡ଼ି ଉବ୍ରାଜ ବନ୍ଧରେ ଗାମ । ଆଣ୍ଡେକାଜ ଉବ୍ରାଜ ମିସିଞ୍ଜ ଉବ୍ରାଜ ଦିନି ଉବ୍ରାଜ୍କେ । ମିସିଞ୍ଜ୍ ବେଚ୍କଂକେ । ମିସିଞ୍ଜ୍ ନାନ୍ତେ ଡକସେନା ।



ଏଣ୍ଡୁଅ ଗୋଟିଏ ବନ୍ଧ ବାନ୍ଧୁଛି । ଯିଏ ଆସୁଛି ସେହି ବନ୍ଧରେ ପାଣି ପିଉଛି । ହରିଣ ପାଣି ପିଇବାକୁ ଆସେ, ହାତୀ ପାଣି ପିଇବାକୁ ଆସେ, ଚଢେଇମାନେ ଆସନ୍ତି, ବାଘ ଭାଲୁ ମଧ ପାଣି ପିଇବାକୁ ଆସନ୍ତି । ବନ୍ଧଟିକୁ ଭାଙ୍ଗି ବାଘ ପଳେଇଲା । ଏଣ୍ଡୁଅ ପୁଣି ଥରେ ବାନ୍ଧିଲା । ତା ପରେ ଏଣ୍ଡୁଅ ପଳେଇଲା ଗାତ କୋରଡକୁ । ମଇଁଷିମାନେ ପାଣି ପିଇବାକୁ ଆସନ୍ତି, ଛେଳିମାନେ ଆସନ୍ତି ପାଣି ପିଇବାକୁ । ମଣିଷମାନେ ଗାଧୋଇ ହୋଇ ପଳାନ୍ତି । ଆଉ ଦିନେ ବାଘ ପାଣି ପିଇବାକୁ ଆସି ବନ୍ଧକୁ ଭାଙ୍ଗି ପଳାଇଲା । ଏଣ୍ଡୁଅ ଆସି କହିଲା କିଏ ଏ ବନ୍ଧ ଭାଙ୍ଗିଲା । କାଲି ଭାଙ୍ଗିଲା ଆଜି ଭାଙ୍ଗିଲା ସବୁଦିନ ଭାଙ୍ଗୁଛି । ଆଜି ଆଉଥରେ ବାନ୍ଧିବି । ଆଜି ଏଠାରେ ଜଗି ବସିବି ।

**ମିସିଞ୍ଜ୍ ଜୟେ ଆଡ଼ି ଉବୁରାଜ୍‌କେ । ଗରେଜ୍ ଏଗେର୍ ତୁଲିଆ ଲାଚାବ୍‌ସେରେ, ଲୁକକି ଡେନକି ଡାଗ୍‌ଉରକି ଉଆଗାନ୍‌କି ଡୁଂଙକି ଇଞ୍ଜାବ । ଗରେଜ୍ ଲଙାସେକେ, ଆଡିକି ଉବ୍‌ରାଜ୍‌କିକି । ବାନାଏ ଡେନ ଡ଼ାଗ୍ ଉର, ସିଲିପ୍ ଡେନ ଡ଼ାଗ ଉର, କିଲିଗ୍ ଅଛତା ଡେନ ଡାଗ୍ ଉରଜ ଉବ୍‌ରାଜ । ଗରେଜ ଗାମ, "ବିତେ ମୁବ୍‌ରାଜ୍‌କେ କେତେ କେତେ ଲୁକକି ଡେନ୍‌ଡିକି ଡାଗ୍ ଉର୍‌କିକି । ବିଚେ ମୁବ୍‌ରାଜ, ବିଚେ ମୁବ୍‌ରାଜ ? ପାଦା ଅନକିଆ ଗରେଜ ଡକଆନା ଏଗେରା, କିଲଗ୍‌ତେ ଗାମ ଦବଡେସୁନ୍ ମେଡେନା ଲୁତୁନିଂଞ୍ଜ୍‌ତେ ମିଡୁଇନା । କିଲଗ୍ ଡେନ ଦବଡେସୁନ । ଏଲେ ଡୁଡୁଇ ଆରିମାନା । କିଲଗତେ ଗାମ, "ଆମ୍ ନାନ୍‌ତେ ଡକସେନା ଆଇଁ ଦବଡ଼େ ସୁନ୍ ଡେଣ୍ଡ୍‌ଡେ ।" ଦବଡେସୁନ୍ ଡେନଜ କିଲଗ୍‌ଆ ଲୁତୁଡ଼ା ଡୁଇରାନା । ଆଉ ଲୁତୁର୍‌ତା ଆରିଆନା । ଛଅତର ଡୁଇରାନ୍‌ଜ ଆରିଆନ୍ ସାତଥର ବୁଲୁକୁ ଆଲୁଙ୍‌ଆଁ ରଏଆନା ।**



ଆଜି ଦେଖିବି କିଏ ଭାଙ୍ଗୁଛି । ଏଣ୍ଡୁଅ ପଥର ତଳେ ଲୁଚିଲା । ଲୋକମାନେ ପାଣି ପିଇଲେ ଗଧୋଇଲେ ଏଣ୍ଡୁଅ ତା ପରେ ଦେଖୁଛି କିଏ ଭାଙ୍ଗୁଛି । ଭାଲୁ ଆସି ପାଣି ପିଇଲା, ହରିଣ ପାଣି ପିଇ ଆସିଲା ପଛରେ ବାଘ ଆସିଲା ଭାଙ୍ଗିଦେଲା । ଏଣ୍ଡୁଅ ପଚାରିଲା କାହିଁକି ଭାଙ୍ଗିଲୁ, କେତେ ଲୋକ ଆସୁଛନ୍ତି ପାଣି ପିଇବାକୁ କାହିଁକି ଭାଙ୍ଗିଲୁ ? ଦୁହେଁ ପଡ଼ିଆକୁ ଗଲେ, ଏଣ୍ଡୁଅ ବସିଲା ପଥରରେ । ବାଘକୁ କହିଲା, ଦଉଡି ଦଉଡି ଆସିବୁ ମୋ କାନରେ ପଶିବୁ । ବାଘ ଆସିଲା ଦଉଡିକରି କିନ୍ତୁ ପଶିପାରିଲା ନାହିଁ । ବାଘକୁ କହିଲା ତୁ ଏଠି ବସିଥା ମୁଁ ଆସେ । ଦଉଡ଼ି କରି ଆସି ବାଘର କାନରେ ପଶିଗଲା । ଆର କାନରେ ବାହାରିଲା । ଛଅଥର ପଶିଲା ବାହାରିଲା । ସାତଥର ବେଳକୁ ଭିତରେ ରହିଗଲା ।

କିଲଗ୍ ଅଅରଅ ଜେଗ୍‌କେ । କିଛି ଜିଞ୍ଜିମ୍ ଜେନା । କିଲଗ୍ ଗାମ୍‌କେ, "ବିତେ ଯିରିମ୍ ବନ୍ଧରେ ଉବ୍‌ରାଜ ଲୁତୁନିଞ୍ଜ୍‌ଣ୍ଡେ ଜିମ୍‌କେ । କିଲଗ୍ ଅନ ମୁଇଁଷି ଆଲବ । ମୁଇଁଷିଆଲତେ ଗାମ କିଲଗ୍, "ଲତୁ ନିଞ୍ଜାଁ ଗରେଜ୍ ଡୁଇଚେରେ ଗୁଚାଏ, ମୁଇଁଷିଆଲ ଗାମ, "ଆମ୍‌ତେ ବେତଂଙ୍କିଞ୍ଜ୍ ଆଇଁ ଆମା ଗୁଗୁର୍‌କେ ଜେନା ।" କିଲଗ ଗାମ, "ଆଇଁ କିଛି ଆମାକିବ୍‌କମ୍ ଜେନା ଉଆ ଗୁଚାଏ ।" ମୁଇଁଷୀ ଆଲରେ ମୁଁଇଁଣ୍ଟ କାଟିକିଲାଗ୍ ଅରେନାନ୍ । ଗରେଜ ଗାମ୍‌କେ ମୁଇଁଷିଆଲତେ, "କଲେର ମିଗୁଚାଏ ମିସିଞ୍ଜି ଆଞ୍ଜତେ କିଲଗ୍ ଜିମିମ୍ ।" ମୁଇଁଷି ଆଲ ଗରେଜ୍‌ତେ ଗୁଚାଅଜ କଲେର ପିଜଜ ଡୁଂଙ । ମଇଁଷିଆଲ ଏ ଅଲଗାନ ଅଲଗାନ ଡୁଂଙ୍ ଡୁଂଙ୍ ଗାମଜ କିଲଗକତେ ଗାତାଅ । ଡ଼ଗରାଅ କିଆୟୁ ମାକୁୟକିଆ । କିଲଗ୍ ଗାମ ମୁଇଁଷି ଆଲତେ, "ମୁଇଁଷିମ୍‌ଡେ ଗଂଆଁ ଇଞ୍ଜାଁବ । ବୁଆମିବିରାନ୍‌ଜ ମେଗାତାନିଞ୍ଜ୍ ଆଇଁତେ ।



ବାଘ କିଛି ଖାଇନାହିଁ କାନ୍ଦୁଛି, ବାଘ କହିଲା କାହିଁକ ବନ୍ଧ ଭାଙ୍ଗିଲି, ମୋ କାନ ଏଣ୍ଡୁଅ ଖାଉଛି । ବାଘ ଗଲା ଯିଏ ମଇଁଷି ଚରାଏ । ମଇଁଷି ଜଗାଳିଆକୁ କହିଲା ମୋ କାନରେ ଏଣ୍ଡୁଅ ପଶିଛି ବାହାର କରିଦେ, ପିଲାଟା କହିଲା ତୋତେ ମୁଁ ଡ଼ରୁଛି ତେଣୁ ମୁଁ ବାହାର କରିବି ନାହିଁ । ବାଘ କହିଲା, "ମୁଁ କିଛି କରିବି ନାହିଁ ଆ ବାହାର କରିଦେ ।" ମଇଁଷି ଜଗାଳିଆ ଗୋଟିଏ କାଠି ଆଣିଲା । ପିଲାଟିକୁ ଏଣ୍ଡୁଅ କହିଲା, ଚୁପ୍‌କରି ବାହାର କରିବୁ ନ ହେଲେ ମୋତେ ବାଘ ଖାଇଦେବ । ମଇଁଷି ଜଗାଳିଆ ଏଣ୍ଡୁଅକୁ ବାହାରକରି ଚୁପକରି ଛାଡିଦେଇ ପଳାଇଲା । ମଇଁଷି ଜଗାଳିଆ କହିଲା ଏ ପଳାଇଲା, ପଳାଇଲା, ପଳାଇଲା । ଖୋଜିଲେ ହେଲେ ପାଇଲେ ନାହିଁ । ବାଘ କହିଲା ଜଗାଳିଆକୁ ଯା ମଇଁଷି ଗୁଡ଼ିକୁ ଘରକୁ ନେଇଯା ଆଉ କହିଲା ଧାନ ବୁଣିଲେ ମୋତେ କହିବୁ ।

**ମୁଇଁଷିଆଲ ଏକାନ୍ ଡେଜାନ୍ ସିଲୁଗ୍ ସିଆନ୍ ବୁଆ ବିରାନ୍, କାଳାର୍ ବିରାନ୍, କାଳାର୍ ବୁଆର ଆଗ । ମେରେଗ କି ସିଲିପ୍ କି ଡେନକି । ମୁଇଁଷିଆଲ ଡେନଜ ଜୟଯୁ ସରେନିଞ୍ଜ୍କିକି । କିଲଗ୍ଡେ ମାଣ୍ଡା ଆଡେଣ୍ଡେଜୁ ଆବ୍ଗଚ୍କେ ମେରେଗକିତେ । ଏରେ ଦିନରା କିଲଗ୍ତେ ଡଗରାୟ ମୁଇଁଷିଆଲ । କିଲଗତେ ଆର କୁୟ ବୁଆଏଣ୍ଡେଏକାନିଞ୍ଜ୍ଣ୍ଡେସରେକିକି ମେରେଗକି । ମାଣ୍ଡା ଆମ୍ ମିବୁଲିକେ କିଲଗ୍ ଗାମ ଆଉଁ ଆଞ୍ଜ୍ ମିସିଞ୍ଜ୍ ଅନା ଗଟାର ଉବ୍ଗୁଚେରେ । ଆମ୍ ଅଦା ମିଜିମେ, ଆଞ୍ଜ୍ତେ ଅଧା ମେସାଡେନିଞ୍ଜ୍ ଇଞ୍ଜାଁବ ଗଂଆଁଜ ଜିମେ । ଡାଏ ଡୁଙ୍ଗେ ଇଞ୍ଜାବ ତେରା ମେଡେନା ମୁଇଁଷିଆଲ ଡୁଂଙ ଇଂଞ୍ଜାଁବ । କିଲଗ୍ ଡେନଜ ଲୁଟିଆ ଚାପେ ସେରେ ମେରେଗ ଡେନଜ ଜିମ୍କେ । କିଲଗ୍ ମେରେଗତେ ସବଜ ଆବ୍ଗୁଚଗ । ସେକାଳତେ ମୁଇଁଷିଆଲ ତାବାଲା ସବାନ୍ଜ ଡେନ । ଜୟଜୁ ମେରେଗ ଗଚ୍ଚେକେ ଉଚୁଲି ଚାଟୁଆର ମୁଇଁଟ କେଞ୍ଜାନ୍ ।**



ମଇଁଷିଆଳ ସେଇଠୁ କମାଣ କାଟି ହଳ କଲା, ଧାନ ବୁଣିଲା, ଧାନ ପାଚିଲା । ହରିଣ, କୁଟୁରା ଆସିଲେ । ମଇଁଷିଆଳ ଆସିଲା ଦେଖିଲା ସେଠାରେ ହରିଣ, କୁଟୁରା ଚରୁଛନ୍ତି । ବାଘ କାହିଁ ଆସୁନାହିଁ, ହରିଣମାନଙ୍କୁ ଖାଉନାହିଁ । ସେଦିନ ବାଘକୁ ମଇଁଷିଆଳ ଖୋଜିଲା । ବାଘକୁ ସେ ଯାଇ କହିଲା, “ମୋ କମାଣରେ ହରିଣମାନେ ବୁଲୁଛନ୍ତି, ତୁ କୁଆଡେ ବୁଲୁଛୁ ?” ବାଘ କହିଲା ଯେ ଠିକ୍ ଅଛି ଆଜି ମାରିକରି ପକାଇଥିବି । ତୁ ଅଧା ଖାଇବୁ ମୋ ପାଇଁ ଅଧା ରଖିବୁ । ଯା ପଳା ଘରକୁ କାଲିକି ଆସିବୁ କହିଲା ପିଲାଟିକୁ । ପିଲାଟି ଘରକୁ ପଳାଇଲା । ବାଘ ଆସି ନଟି ତଳେ ଲୁଚି ରହିଲା ହରିଣ ମାରିବା ପାଇଁ । ବାଘ ହରିଣକୁ ମାରି ଶୁଆଇଦେଲା । ସକାଳ ହେଲା ମଇଁଷିଆଳ ପିଲା ତାବଲୀ ଆଣିଲା । ଦେଖିଲା ହରିଣ ମରି ପଡିଛି ମଇଁଷିଆଳ ତା ପଛ ଜଙ୍ଘ ଫଡିଆକୁ କାଟିଲା ।

ଏରେ ଉଟାୟଜ ମୁଞ୍ଜ୍ତା ଚାଟୁଆର ଅରେନାନ୍ ଗିର୍ତା ଗିର୍ତା ଜିମଜ ଉଟାୟ । ତିଣିକି ମୁଇଁଷିଆଳ ଡୁଂଙ । କିଲଗ୍ ଡେନଜ ଲାତାରବ ଟେକେଆନ୍ଜ ଗଗାନା । ଲାତାରା ଗଗାନ୍ଜ ଜିମ୍କେ । ବେଚ୍ଡେନଜ ଏକାନ୍ଆ ଲର୍ଚେରାନ୍ । ସିଲିପ ଡେନ ସେଣାଏରେ କବ । କିଲଗ୍ ଅନଜ ସିଲିପ୍ଡେତେ ଅବ୍ଗଜଜ ବାସାରବ ଡୁଂଙ । ଆର ଦିନରା ମଇଁଷିଆଳ ଡେନ । ସିଲିପ୍ ଗଚେକେ । ଚାଟୁଆର ଅମ୍ବାଟଲଙ୍ଗ୍ କେଂଙ୍କେଞ୍ଚାଁନା ଲାଲାଜ୍ଗୁଜାନ୍ । ଗିର୍ତା ଗିର୍ତା ଜିମଜ ଡୁଂଙ । କିଲଗ୍ ଡେନ ସିଲିପ୍ତେ ଗଗାନ୍ । ବୁତାଏ ଡେନଜ ବୁଆର ଜିମ୍କେ । ଜୟଯୁ କିଲଗ୍ ବୁତାଏ ବୁଆ ଜିମ୍କେ । କିଲଗ୍ ଡେନଜ ମଳେଅଜ ଜିମ । କିଲଗ୍ ଡେନଜ ବାସାରା ଲେବେର୍କେ । ମୁଇଁଷିଆଳ ଡେନ ଆଳିଚିଆ ତିନ୍ତାରାନ୍ଜ । ଜୟ ଯୁ ମାଟାବଣ ବୁତାଏ ଅବ୍ଗଚ୍ଚେକେ ।



ସେହି ଖଣ୍ଡକୁ ସରିଗଲା ପରେ ଆଉ ଖଣ୍ଡେ ଜଙ୍ଘକୁ ଆଣିଲା । ପୋଡ଼ି ପୋଡ଼ି ଖାଇ ସାରିଦେଲା । ତା ପରେ ମଇଁଷିଆଳ ପଳାଇଲା । ବାଘ ଆସି ଅବଶିଷ୍ଟ ମାଂସକୁ ବସାକୁ ଟେକି କରି ନେଇଗଲା । ବସାରେ ନେଇ ଖାଇଲା । ବାଘ ଆସି କମାଣରେ ଲୁଚି ଦେଖିଲା ଠେକୁଆ ହରଡ଼ ଖାଉଛି । ବାଘ ଯାଇ ଠେକୁଆକୁ ମାରି ତାର ବସାକୁ ପଳାଇଲା । ଆରଦିନ ମଇଁଷିଆଳ ଆସିଲା । ଠେକୁଆ ମରିଛି । ଜଙ୍ଗ ଦୁଇଟିକୁ କାଟି ନିଆଁ ଜାଳିଲା । ପୋଡ଼ି ପୋଡି ଖାଇ ପଳାଇଲା । ବାଘ ଆସି ଅବଶିଷ୍ଟ ଠେକୁଆ ମାଂସକୁ ନେଇଗଲା । ବଣ ଘୁଷୁରି ଆସି ଧାନ ଖାଇଲା । ବାଘ ଦେଖିଲା ବଣ ଘୁଷୁରୀ ଧାନ ଖାଉଛି । ବାଘ ଆସି ମାରିଦେଲା । ବାଘ ଆସି ତା ବସାରେ ଶୋଇଛି । ଜଗାଳିଆ ଟାଙ୍ଗିଆ ଧରି ଆସିଲା । ଦେଖିଲା ବଡ଼ ବଣ ଘୁଷୁରୀଟା ମାରିଛି ।

ମୁଈଁଟ ଚାଟୁଆର କେଞ୍ଜାନା ଗିର୍‌ତା ଗିର୍‌ତା ଜିମ । ଏରେ ଆଏଲାରେତେ ମୁଈଁଷିଆଲ ଲୁବଆନ୍‌ଜ ଗଂଆଁ ଗାମ୍ । ମୁଈଁଟ ତାଟୁଆର କେଞ୍ଜାଁନ୍‌ଜ ଗଗାନା । କିଲଗ୍ ଜୟଜୁ ମୁଈଁଷିଆଲ ଇଂଞ୍ଜାଁବ ଗଗ୍‌ଡେ । ଏତେ କିନବ କିନବ୍ ଅନ । ମୁଈଁଷିଆଲ ଡୁଇରାନା ଆଲୁଙ୍ଗ୍ ଇଞ୍ଜାଁରବ । ଆଏଲାରେ ଉନାନ୍ ଦଅଲଆ । କିଲଗ୍ କାନାଟିତା ଚାପେସେରେ । କୁଟୁମରେତେ ଗାମ ମୁଈଁଷିଆଲ ଦଅଲଆ ବିରିକ ଉନ୍‌ଚେକେଡାଏ ଅରେନେ । କୁଟୁମର ଜୟଜୁ ଆଏଲା । ଜିଂଅ. "ନି ମାଣ୍ଡିତା ମରେନ ସୁଈଁଣ୍ଡ ମିକିବଜ ମବ୍‌ଗଜ ।" ବଗାଳିଆ ଗାମ, "ବାସେସେଞ୍ଜାଁ ବାଗାଞ୍ଜାଁ ବାଉରେ । ଅଚତା ଗାତାନମ୍‌ସୁନ୍ ।" କୁଟୁମର ଗାମ, "ଆଗିଲା ଗାତାଏନିଞ୍ଜୁଁ୍ ।



ଗୋଟିଏ ଜଙ୍ଘ କାଟି ପୋଡି ଖାଇଲା । ସେହି ମାଂସକୁ ଲୋଭ କରି ନେଇଯିବ ବୋଲି ମଇଁଷିଆଳ ଟୋକା ଭାବିଲା । ଆଉ ଗୋଟିଏ ଜଙ୍ଘକୁ କାଟି ନେଇଗଲା । ବାଘ ଦେଖିଲା ମଇଁଷିଆଳ ଘରକୁ ନେଇଯାଉଛି । ତେଣୁ ସେ ପଛେ ପଛେ ଗଲା । ମଇଁଷିଆଳ ପଶିଲା ତାର ଘର ଭିତରକୁ । ମାଂସକୁ ଘରେ ରଖିଲା । ବାଘ ଘର ପଛ ଆଡେ ଅଛି ବୋଲି ମଇଁଷିଆଳ ତାର ଧର୍ମପତ୍ନୀକୁ କହିଲା, "ଘର ବାଡି ଉପରେ କ'ଣ ରଖିଛି ଆଣ ଯା ।" ତାର ସ୍ତ୍ରୀ ଦେଖିଲା ମାଂସ । ସ୍ତ୍ରୀ ପଚାରିଲା ତାର ସ୍ୱାମୀକୁ ଏହି ମାଂସଟା କେଉଁଠୁ ଆଣିଲୁ, କେମିତି ମାରିଲୁ ? ମଇଁଷିଆଳ ସ୍ତ୍ରୀକୁ କହିଲା, "କାଟିବା, ରାନ୍ଧିବା, ଖାଇବା । ପଛରେ କହିବି ।" ତାର ସ୍ତ୍ରୀ କହିଲା ଆଗେ କୁହ ।

ସାଉର ଗାମ କୁଟୁମରତେ, "ଗାତାଏନମ୍‌ଜୁ ଏଲେ ଆଞ୍ଚତେ ମାମାଜକେଜେନା । ତେଣିକି ଗାତାୟ । କିଲଗ୍ ଲୁତୁଡାତେ ଗରେଜ୍ ଡୁଇଚେରାନ୍ । ଆଞ୍ଚ୍ ଗୁଚାୟ । ଏରେ କିଲଗ୍ ଅବଗର୍‌ଚେକେ ନି ବୁତାଏ ରେତେ ।" କିଲଗ୍ ମୁଇଁଷିଆଲତେ ଆଲୁଙ୍ଗ୍‌ତା ଡିଗାରାନ୍‌ଜ ଡିନ୍ତାରାନ୍‌ଜ ଗଗାନ୍ । କୁଟୁମର ଜେଗଜ କିଲଗ୍‌ତେ ଡିନ୍‌କେ । କିଲଗ୍ ଗଗାନା । ଗରେଜ୍ ବନ୍ଧ କଂସେର ଆକବ । ଗରେଜ୍‌ତେ ଡାକେଅ ମଇଁଷିଆଲ । ଗରେଜ୍ ଡେନ କିଲଗ୍‌ଆ ଲୁତୁଡ଼ା ଡୁଇରାନା । ମଇଁଷିଆଲତେ ପିଜ । ଆର ଇଞ୍ଜାଂରବ ଡୁଂଙ । ଆଏଳାରେ ସେସେଜାନ୍ କିଆଜ ଗାଜାନ୍‌କିଆଜ ଦୁମାଣସ ଜିମକିଆ । ବେଅନକିଆ ଏକାନ୍‌ବ ଆଏଳାରେ ଇଞ୍ଜାବ ଅରେନାନ୍‌କିଆ । ଗରେଜ୍ ଲତୁଡ଼ ଜିମ୍‌କେଜୁ କିଲଗ୍ କେରାବ୍‌ଡେ । ଗିରିର ଜିମିଞ୍ଜୁଁ । କିଲଗ୍ ଗଜ । ଗରେଜ୍ ଆରିଆନ୍‌ଜ ଡୁଂଙ ମଇଁଷୀଆଲକିଆ ଖୁସିରେ ରହେଆନ୍‌କିଆ । ଆଞ୍ଜାଁ ଆଗରେ ଜେଳାୟ । ରାଣିଙ୍ଗ୍ ଡେ ଗକ୍ସ ।



ତାର ସ୍ୱାମୀ କହିଲା କହିବି, କିନ୍ତୁ ମୋତେ ଦେଖି ପାରିବୁ ନାହିଁ । ତା ପରେ ସବୁକଥା କହିଲା । ବାଘ କାନରେ ଏଣ୍ଡୁଅ ପଶିଥିଲା । ମୁଁ ବାହାର କଲି । ସେହି ବାଘ ମାରିଛି, ଏହି ବଣ ଘୁଷୁରୀକୁ । ବାଘ ମଇଁଷି ଜଗାଳିଆ ଘରୁ ମଇଁଷିଆଳକୁ ବୋହିକରି ନେଇଗଲା । ତାର ସ୍ତ୍ରୀ କାନ୍ଦି କାନ୍ଦି ବାଘକୁ ଗୋଡ଼ାଇଲା । ବାଘ ଗଲା ଏଣ୍ଡୁଅ ବାନ୍ଧିଥିବା ବନ୍ଧ ପାଖକୁ । ଏଣ୍ଡୁଅକୁ ଡାକିଲା ମଇଁଷି ଜଗାଳିଆ । ଏଣ୍ଡୁଅ ଆସିଲା ବାଘ କାନରେ ପଶିଗଲା । ମଇଁଷିଆଳକୁ ଛାଡିଦେଲା ବାଘ । ତା ପରେ ପିଲାଟି ଘରକୁ ପଳାଇଲା । ମାଂସକୁ କାଟି ରାନ୍ଧି ଦୁହେଁ ମହା ଆନନ୍ଦରେ ଖାଇଲେ । ପୁଣି କମାଣକୁ ଗଲେ, ମାଂସ ଆଣିଲେ । ଏଣ୍ଡୁଅ ବାଘର କାନକୁ ଖାଉଛି ବାଘ ଗର୍ଜନ କରୁଛି । ତା'ର ଗିରିକୁ ଖାଇ ସାରିଦେଲା । ବାଘ ମରିଗଲା । ଏଣ୍ଡୁଅ ବାହାରି ପଳେଇଲା । ଜଗାଳିଆମାନେ ଦୁହେଁ ଖୁସିରେ ରହିଲେ । ମୋର ଗପଟି ସରିଲା । ଫୁଲ ଗଛଟି ମଲା ।

# ଅନଗା ମନୁଆ ବୁଡାର ଗାତା (ମଦୁଆ ବୁଢ଼ାର କଥା)

**ମୁଇଁଣ୍ଟ ଗାଆଁତେ ବୁଡାବୁଡି ଦୁଇପରାଣି ଆସିଆନ୍‌କିଆ । କନନ୍ କଞ୍ଛେଲାଣ୍ଡକିଆ ମୁଇଣ୍ଟ ସିରିକା ଆରାସିଆନ୍‌କି । ବୁଡାବୁଡି ବଡ଼ ଗରିବ ଆସିଆନ୍‌କିଆ । ମୂଲିଆ ଅନକିଆଜ ଯା, ପଇସା ଅରେନ୍‌ଡେକିଆ ଏରେ ବ ଚଲେକେକିଆ । ବିରି କିମିମା କିଆତା, ଯେତେସୁବୁ ଅରଜେରେକିଆ ଏରେବ ଚକେତେ ସୁଗାଇ କଷ୍ଟ । ଦିନମିଜ୍ ବୁଡାବୁଡି ମୁଇଣ୍ଟ ଜାରକାନା କମ କମ ଆନ୍‌କିୟା, ଏରେତା ଆରା କିୟା ସୁଗାୟି ପଇସା ଇଆନା । ଏରେ ପଇସାରେ ଅରେନକିଆଜ ଉନାନ୍‌କିଆ । ଯେତେ ଅବ ଡେଣ୍ଡେ ଆରକିୟା, ଆଏଳା, ଅଳାଗ୍ ବାରବୁନି ଜିମ୍ କେକିୟା । ବୁଢା ଅବଆ କୁଟିଜ୍ ମଦଉର ।**



